# Meeting between External Affairs Minister and Vice President and Minister of Foreign Affairs of Colombia

October 02, 2021

## କଲମ୍ବିଆର ଉପରାଷ୍ଟ୍ରପତି ତଥା ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ସହିତ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ବୈଠକ

**ଅକ୍ଟୋବର 02, 2021**

2 ଅକ୍ଟୋବରରେ କଲମ୍ବିଆର ଉପରାଷ୍ଟ୍ରପତି ତଥା ବୈଦେଶିକ ବ୍ୟାପାର ମନ୍ତ୍ରୀ ମାନ୍ୟବର ଶ୍ରୀମତୀ ମାର୍ତା ଲୁସିଆ ରାମିରେଜଙ୍କ ସହ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ଶ୍ରୀମତୀ ରାମିରେଜ 1-3 ଅକ୍ଟୋବର 2021 ଭାରତ ଗସ୍ତ ସମୟରେ 48 ଜଣ ସଦସ୍ୟ ବିଶିଷ୍ଟ ଏକ ସ୍ୱାସ୍ଥ୍ୟ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପ୍ରତିନିଧୀ ଦଳର ନେତୃତ୍ୱ ନେଉଛନ୍ତି। ତାଙ୍କ ସହ ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷା ମନ୍ତ୍ରୀ ଡକ୍ଟର ଲୁଇଜ ଫର୍ନାଣ୍ଡୋ ରୁଇଜ, ସରକାରୀ ଅଧିକାରୀ ଏବଂ ବ୍ୟବସାୟିକ ତଥା ଶିକ୍ଷାନୁଷ୍ଠାନର ପ୍ରତିନିଧୀମାନେ ଆସିଛନ୍ତି। ଏହା ପୂର୍ବରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ 25 ସେପ୍ଟେମ୍ବର 2021 ରେ ୟୁଏନଜିଏ-76 ଅବସରରେ ଶ୍ରୀମତୀ ରାମିରେଜଙ୍କୁ ଭେଟିଥିଲେ।

2. ଉଭୟ ନେତା ସ୍ୱାସ୍ଥ୍ୟ, ଔଷଧୀୟ ସାମଗ୍ରୀ, ବାୟୋଟେକ୍ନୋଲୋଜି ଏବଂ ମହାକାଶ ଭଳି କ୍ଷେତ୍ରକୁ ଉପରେ ବିସ୍ତୃତ ଚର୍ଚ୍ଚା କରିଥିଲେ। ଏହି ବୈଠକରେ ପାରସ୍ପରିକ ଆଗ୍ରହର ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ମିଳିତ ଜାତିସଂଘ ସଂସ୍କାରକୁ ନେଇ ବୈଦେଶିକ ବ୍ୟାପାର ମନ୍ତ୍ରୀ ଭାରତର ପ୍ରାଥମିକତାକୁ ରେଖାଙ୍କିତ କରିଥିଲେ। ବହୁପକ୍ଷୀୟ ମଞ୍ଚରେ ସହଯୋଗକୁ ମଜବୁତ କରିବାକୁ ଉଭୟ ନେତା ରାଜି ହୋଇଥିଲେ।

3. ଭାରତ ଏବଂ କଲମ୍ବିଆ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟରେ କ୍ରମାଗତ ଅଭିବୃଦ୍ଧି ଘଟିଛି ଯାହାକି କୋଭିଡ-19 ମହାମାରୀ ଦ୍ୱାରା ସୃଷ୍ଟି ହୋଇଥିବା ପରିସ୍ଥିତି ସତ୍ତ୍ୱେ 2020-21 ରେ 2.27 ବିଲିୟନ ଡଲାରରେ ପହଞ୍ଚିଛି। ଶକ୍ତି, ସୂଚନା ପ୍ରଯୁକ୍ତିବିଦ୍ୟା, ଔଷଧୀୟ ସାମଗ୍ରୀ ଏବଂ ଯାନବାହାନ କ୍ଷେତ୍ରରେ ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ ଉଭୟ ପକ୍ଷ ମିଳିତ ଭାବରେ କାର୍ଯ୍ୟ କରିବାକୁ ସହମତ ହୋଇଥିଲେ।

4. ବାୟୋଟେକ୍ନୋଲୋଜି ଏବଂ ଚିକିତ୍ସା ଅନୁସନ୍ଧାନ କ୍ଷେତ୍ରରେ ସହଯୋଗ ପାଇଁ ଦୁଇ ନେତାଙ୍କ ଉପସ୍ଥିତିରେ ଦୁଇଟି ଲେଟର ଅଫ ଇଣ୍ଟେଣ୍ଟ ସ୍ୱାକ୍ଷରିତ ହୋଇଥିଲା। ବାୟୋଟେକ୍ନୋଲୋଜି ବିଭାଗ ଏବଂ ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦ (ଆଇସିଏମଆର) ସେମାନଙ୍କ କଲମ୍ବିଆ ପ୍ରତିପକ୍ଷଙ୍କ ସହ ଏହି ଲେଟର ଅଫ ଇଣ୍ଟେଣ୍ଟ ସ୍ୱାକ୍ଷର କରିଛନ୍ତି।

5. ଉପରାଷ୍ଟ୍ରପତି ରାମିରେଜଙ୍କ ଆଗମନ ପୂର୍ବରୁ ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷା ମନ୍ତ୍ରୀ ଡକ୍ଟର ଲୁଇଜ ଫର୍ନାଣ୍ଡୋ ରୁଇଜଙ୍କ ନେତୃତ୍ୱରେ ଏକ ବ୍ୟବସାୟିକ ପ୍ରତିନିଧି ଦଳ 27-30 ସେପ୍ଟେମ୍ବର ପୁନେ, ହାଇଦ୍ରାବାଦ ଏବଂ ବେଙ୍ଗାଲୁରୁ ଗସ୍ତ କରିଥିଲେ। ଟିକା ଏବଂ ଔଷଧୀୟ ଉତ୍ପାଦର ବିକାଶରେ ସହ-ଉତ୍ପାଦନ ଏବଂ ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ଲକ୍ଷ୍ୟ ନେଇ ସେମାନେ ଏହି ସହରଗୁଡିକରେ ଉତ୍କର୍ଷତା କେନ୍ଦ୍ର ଏବଂ ଔଷଧୀୟ ଉତ୍ପାଦ କମ୍ପାନୀଗୁଡିକ ପରିଦର୍ଶନ କରିଥିଲେ। ସେମାନେ ଇସ୍ରୋ କେନ୍ଦ୍ର ପରିଦର୍ଶନ କରିଥିଲେ ଏବଂ ନ୍ୟୁ ସ୍ପେସ ଇଣ୍ଡିଆ ଲିମିଟେଡ (ଏନଏସଆଇଏଲ) ଏବଂ ହ୍ୟୁମାନ ସ୍ପେସ ଫ୍ଲାଇଟ ସେଣ୍ଟର (ଏଚଏସଏଫସି) ର ପ୍ରତିନିଧୀଙ୍କୁ ମଧ୍ୟ ଭେଟିଥିଲେ।

6. ଏହି ବୈଠକ ସମୟରେ ଉଭୟ ପକ୍ଷ ଉଚ୍ଚସ୍ତରୀୟ ସହଭାଗିତାରେ ହୋଇଥିବା ସାମ୍ପ୍ରତିକ ଗତିଶୀଳତାକୁ ସ୍ୱାଗତ କରିଥିଲେ ଏବଂ ପାରସ୍ପରିକ ଲାଭ ପାଇଁ ଚିହ୍ନିତ କ୍ଷେତ୍ରରେ ସେମାନଙ୍କର ସହଯୋଗ ବୃଦ୍ଧି କରିବାକୁ ସହମତ ହୋଇଥିଲେ।

**ନୂଆଦିଲ୍ଲୀ**

**ଅକ୍ଟୋବର 02, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.